# Akashvani, Sambalpur

## SAMBALPURI NEWS EVENING BULLETIN

**1 August 2025- 7.02 pm- 7.12 pm.**

*********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ବାଂଟ୍‌ବେ ପି.ଏମ୍. କିଷାନ୍ ଯୋଜ୍‌ନାର୍ ସାହାଜ୍ ଟଙ୍କା ।

୨- ରାଜ୍ୟର୍ ୩୮ଟା ଜାଗା ନ ଆଦର୍ଶ ମଣ୍ଡି ଖୁଲ୍‌ବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ନିଷ୍ପତି ।

୩- ଘୋଷ୍‌ନା ହେଲା ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ।

- ଆଂଚଲିକ୍ ବର୍ଗଥି ଓଡ଼ିଆ ସିନ୍‌ମା 'ପୁଷ୍କରା' ଶ୍ରେଷ୍ଠ ମନୋନିତ ।

ଆଉର୍

୪- ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନମ୍ ଦିନ୍ ଉଲ୍‌ଗୁନେ ସାରା ପଶ୍ଚିମ ଓଡ଼ିଶା ନ ଉସ୍‌ନାକିଥି ପାଲନ୍ ହେଉଛେ ସମ୍ବଲପୁରୀ ଦିନ୍ ।

ପିଏମ୍-କିଶାନ ସାହାଜ୍ ଏନ୍ଏସ୍ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ପିଏମ୍-କିଶାନ୍ ଯୋଜ୍ନା ୨୦ ନମ୍ବର କିସ୍ତି ସାହାଜ୍ ଟଙ୍କା ବାଂଟବେ । ନିଜର ନିର୍ବାଚନ ମଣ୍ଡଲୀ ବାରାଣାସୀଠାନୁ ଦେଶର୍ ୯ କୋଟି ୭୦ ଲାଖ୍ ଚାଷୀଙ୍କୁ ୨୦ ହଜାର୍ ୫୦୦ କୋଟି ଟଙ୍କାର୍ ସାହାଜ୍ ବାଂଟ୍ବେ । ଡିବିଟି ଜରିଏ ସିଧାସଲଖ୍ ଚାଷୀମାନ୍କର ଏକାଉଂଟକେ ଇ ସାହାଜ୍ ଟଙ୍କା ପଠାଯିବା ।

ଉପରାଷ୍ଟ୍ରପତି ନିର୍ବାଚନ୍ ପି.ଆଇ.ବି.

ଉପରାଷ୍ଟ୍ରପତି ନିର୍ବାଚନ୍ ଆଏବା ମାସର୍ ୯ ତାରିଖ୍ ଦିନ ହେବା ବଲି ନିର୍ବାଚନ ଆୟୋଗ୍ ତର୍ଫୁ ଆଏଜ୍ ଘୋଷଣା କରାଯାଇଛେ । ନିର୍ବାଚନ୍ ଆୟୋଗ୍ର ସୂଚ୍ନା ଅନ୍ସାରେ, ଆଏବା ୭ ତାରିଖ୍ ବିଜ୍ଞପ୍ତି ବାହାରିବା । ଆଏବା ୨୧ ତାରିଖ୍ ନାମାଙ୍କନ୍ ଦାଖଲ୍ ଶେଷ୍ ହେବା । ୨୨ ତାରିଖ୍ ଯାଂଚ୍ ଆଉ ୨୫ ତାରିଖ୍ ନାମାଙ୍କନ୍ ପ୍ରତ୍ୟାହାର୍ ଶେଷ୍ ହେବା ।

ଆଦର୍ଶ ମଣ୍ଡି I&PR

ରାଜ୍ୟର୍ ଫି ଜିଲ୍ଲା ନ ଗୁଟେ ଲେଖା ଆଦର୍ଶ ମଣ୍ଡି ଖୁଲ୍‌ବାର୍ ଲାଗି ରାଜ୍ୟ ସରକାର ନିଷ୍ପତି ନେଇଛନ୍ । ଭୁବନେଶ୍ୱର ଲୋକସେବା ଭବନ୍‌ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇ ଆଦର୍ଶ ମଣ୍ଡି ଥାପ୍‌ନା ବାବ୍‌ଦେ ସମୀକ୍ଷା କରିଛନ୍ । ଇ ବାବ୍‌ଦେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚ୍‌ନା ଦେଇକରି କହିଛନ୍, ଆଏବା ବଛର୍‌ତକ୍ ରାଜ୍ୟର୍ ୩୮ଟା ଜାଗା ନ ଆଦର୍ଶ ମଣ୍ଡି ଖୁଲାଯିବା । ଦର୍‌କାର ପଡ଼୍‌ଲେ ଗୁଟେ ଜାଗା ନ ଦୁଇଟା ଲେଖା ମଣ୍ଡି ଭିଲ୍ ଖୁଲାଯିବା । ଚାଷୀମାନ୍‌ଙ୍କୁ ସବୁ ସାହାଜ୍ ଯୁଗେଇ ଦେବାର୍ ସଙ୍ଗେ ଆଦର୍ଶ ମଣ୍ଡିନ ବିଶ୍ରାମ୍‌ଗାର, ପିଇବାର୍ ପାନିର୍ ବ୍ୟବସ୍ଥା ଆଉ ପାର୍କିଂ ବାଗିର୍ ସୁବିଧା ରହେବା ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ ।

କେବିନେଟ୍ ବୈଠକ୍ ହି.ସ.

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାଥି ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ରାଜ୍ୟ କେବିନେଟ୍‌ର ବୈଠକ୍ ଚାଲିଛେ । ବୈଠକ୍‌ଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇକରି ଅନୁମୋଦନ୍ କରାଯାଇପାରେ ବଲି ସୂଚ୍‌ନା ମିଲିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ଜଗନ୍ନାଥ୍ ବାଟିକା-ଉପମୁଖ୍ୟମନ୍ତ୍ରୀ ପୁରୀ ସମ୍ବାଦଦାତା

ରାଜ୍ୟର୍ ଫି' ପଂଚାୟତ୍ ନ ଜଗନ୍ନାଥ୍ ବାଟିକା ଥାପ୍‌ନା କର୍‌ବାର୍‌କେ ସର୍‌କାର୍ ନିଷ୍ପତି ନେଇଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍, ଜଗନ୍ନାଥ୍ ବାଟିକା ରଥକାଠର୍ ଅଭାବ୍‌କେ ପୂରଣ୍ କର୍‌ବା । ରଥଯାତ୍ରା ଲାଗି ଜଗନ୍ନାଥ୍ ବାଟିକା ଠାନୁ ହିଁ ଗଛ୍ ଠୋଲ୍ କରାଯିବା । ଇତାକେ ନେଇକରି ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ନ ଶହେ ୫ ଏକଡ଼୍ ସର୍‌କାରୀ ଜମି ଚିହ୍ନଟ୍ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ରତ୍ନଭଣ୍ଡାର୍ ରତ୍ନ ଗନ୍‌ତି-ବିଶେଷଜ୍ଞ ମନୋନିତ୍ ପୁରୀ ସମ୍ବାଦଦାତା

ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ରତ୍ନ ଗନ୍ତି ମନ୍ତି ପ୍ରକ୍ରିୟା ମୁଲ୍ ହେଇଛେ । ଗନ୍ତି ଲାଗି ଭାରତୀୟ ରିଜର୍ଭ ବେଙ୍କ୍ ତର୍‌ଫୁ ୨ ଝନ୍ ବିଶେଷଜ୍ଞଙ୍କୁ ମନୋନୀତ୍ କରାଯାଇଛେ ବଲି ରାଜ୍ୟ ସର୍‌କାର୍‌ଙ୍କୁ ସୂଚ୍‌ନା ଦିଆଯାଇଛେ । ଇ ବାବ୍‌ଦେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସୂଚ୍‌ନା ଦେଇଛନ୍ । ଆର୍‌ବିଆଇ ବିଶେଷଜ୍ଞ ମନୋନୀତ୍ ହେଲା ଉତ୍‌ରୁ ଖୋବ୍ ଜଲ୍‌ଦି ପରିଚାଲନା କମିଟି ଗଠନ୍ କରାଯିବା । କମିଟିର୍ ଅନୁମତି ଉତ୍‌ରୁ ରତ୍ନଭଣ୍ଡାର୍ ରତ୍ନକେ ସ୍ଥାନାନ୍ତର୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଓଟିଇଟି ପରୀକ୍ଷା ଏକ୍ସ

ଆଏବା ୩୧ ତାରିଖ୍ ଦିନ ସ୍ପେଶାଲ୍ ଓଟିଇଟି ପରୀକ୍ଷା କରାଯିବା ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ପରୀକ୍ଷା ୨ ଟା ସିଟିଂଥି ହେବା । ଅଗଷ୍ଟ ୩୧ ତାରିଖ୍ ସଖାଲର୍ ୯ ନୁ ସାଢ଼େ ୧୧ ବଜେତକ୍ ପେପର୍ ୱାନ୍ ଆର୍ ଦିନର୍ ୨ ବଜେନୁ ସାଢ଼େ ୪ ବଜେତକ୍ ପେପର୍ ଟୁ ପରୀକ୍ଷା ହେବା । ପରୀକ୍ଷା ଲାଗି ଅଗଷ୍ଟ ୨୨ ତାରିଖ୍‌ନୁ ବୋର୍ଡ଼ର ୱେବ୍‌ସାଇଟ୍‌ଥି ଏଡ୍‌ମିଟ୍‌କାର୍ଡ଼ ମିଲିପାର୍‌ବା ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଗଲା

ମାସର୍ ୨୦ ତାରିଖ୍ ହେବାର୍‌କେ ଥିବାର୍ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଲାଗି ବାତିଲ୍ କରାଯାଇଥିଲା ।

ଶକ୍ତି ଅପା I&PR

ରାଜ୍ୟ ସର୍‌କାର୍‌ଙ୍କର୍ ଶକ୍ତିଶ୍ରୀ ଅଭିଯାନ୍ ଅଧୀନଥି ଜିଲ୍ଲାର୍ ୫ ୫ନ୍ ନାଁକରା ମହିଳାଙ୍କୁ ଶକ୍ତି ଅପା ଭାବେ ନିଯୁକ୍ତି ଦେବାର୍‌କେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଶକ୍ତିଅପା ମାନେ ଜିଲ୍ଲାର୍ ସବୁ ଉଚ୍ଚ ଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ଛାତ୍ରୀମାନ୍‌କୁ ସେମାନ୍‌କର୍ ସୁରକ୍ଷା ଆଉ ଯୌନ ନିର୍ଯ୍ୟାତନାକେ ବିରୋଧ୍ କର୍‌ବାର୍ ଉପ୍‌ରେ ମାର୍ଗଦର୍ଶନ୍ ଦେବେ । ଶିକ୍ଷାନୁଷ୍ଠାନ୍ ମାନ୍‌କେ ଛାତ୍ରୀମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଥିବା ଗୁଟେ ବିଜ୍ଞପ୍ତିଥି ସୂଚ୍‌ନା ଦିଆଯାଇଛେ ।

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ୭୧ ନମ୍ବର୍ ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ଆଏଜ୍ ଘୋଷ୍‌ନା କରାଯାଇଛେ । ଓଡ଼ିଆ ଆଂଚଳିକ ଚଳଚ୍ଚିତ୍ର ବର୍ଗଥି ଓଡ଼ିଆ ଫିଲ୍ମ 'ପୁଷ୍କରା' ଶ୍ରେଷ୍ଠ

ଚଳଚ୍ଚିତ୍ର ପୁରସ୍କାର୍ ପାଏବାର୍ ଲାଗି ମନୋନୀତ୍ ହେଇଛେ । ଶୁଭ୍ରାଂଶୁ ଦାସ୍‌ଙ୍କର୍ ନିର୍ଦ୍ଦେଶିତ୍ ପୁଷ୍କରା ଚଳଚ୍ଚିତ୍ରଥି ସବ୍ୟସାଚୀ ମିଶ୍ର ମୁଖ୍ୟ ଭୂମିକାଥି ଅଭିନୟ କରିଥିଲେ । 'ଟୁଏଲ୍‌ଭ ଫେଲ୍' ଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ଭାବେ ମନୋନୀତ୍ ହେଇଥିଲା ବେଲେ 'ଯବାନ୍' ଫିଲ୍ମ ଲାଗି ଶାହାରୁଖ୍ ଖାନ୍ ଶ୍ରେଷ୍ଠ ଅଭିନେତା, 'ମିସେସ୍ ଚାଟାର୍ଜୀ ଭର୍ସେସ୍ ନର୍‌ୱେ' ଫିଲ୍ମ ଲାଗି ରାଣୀ ମୁଖାର୍ଜୀ ଶ୍ରେଷ୍ଠ ଅଭିନେତ୍ରୀ ମନୋନୀତ୍ ହେଇଛନ୍ ।

ବିଶ୍ୱ ସ୍ତନ୍ୟପାନ ସପ୍ତାହ I&PR

ଛୁଆମାନ୍‌କର୍ ସ୍ୱାସ୍ଥ୍ୟ ଲାଗି ମା'ର୍ ଗୁରସ୍ ମହତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍‌ଠାନୁ ପାଲନ୍ କରାଯାଉଛେ ବିଶ୍ୱ ସ୍ତନ୍ୟପାନ ସପ୍ତାହ । ଇ ଅବ୍‌ସରେ ରାଜ୍ୟ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଛୁଆମାନ୍‌କର୍ ଶାରୀରିକ୍ ଆଉ ମାନସିକ ବିକାଶ୍ ଦିଗେ ମା'ର ଗୁରସ୍‌ର ବଡ଼ ଭୂମିକା ରହିଛେ ବଲି କହିଛନ୍ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ରାଏଜେ 'ଆସ ଯିବା ଅଙ୍ଗନବାଡ଼ି' ଅଭିଯାନ୍ ମୁଲ୍ ହେଇଥିବା ସୂଚ୍‌ନା ଦେଇଛନ୍ ।

ସମ୍ବଲପୁରୀ ଦିନ ସମ୍ବଲପୁର୍/ ସୁବର୍ଣ୍ଣପୁର/ ନୂଆପଡ଼ା/ ବୌଦ୍ଧ
ସମ୍ବାଦଦାତା

ଆଏଜ୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ପାଲିତ୍ ହେଉଛେ ସମ୍ବଲ୍‌ପୁରୀ ଦିନ୍ । ସମ୍ବଲପୁରୀ ସାହିତ୍ୟର ନାଁକରା କବି ଗୁରୁ ସତ୍ୟନାରାୟଣ ବହିଦାରଙ୍କର ଜନ୍ମ ଶତବାର୍ଷିକୀ ବଛ୍‌ର ୨୦୧୩ ମସିହା ନୁ ଇ ଦିବସ୍ ପାଲନ୍ ହେଇଆସୁଛେ । ସମ୍ବଲପୁରୀ ଭାଷାର ପ୍ରଚାର ପ୍ରସାର ଦିଗେ ସତ୍ୟନାରାୟଣ ବହିଦାରଙ୍କର୍ ବଡ ଅବଦାନକେ ସୁର୍‌ତା କରିକରି ଫି’ ବଛର୍ ଅଗଷ୍ଟ ୧ ତାରିଖ୍ ଦିନ ସମ୍ବଲ୍‌ପୁରୀ ଦିନ୍ ଭାବେ ପାଲନ୍ କରାଯାଉଛେ ।

ସମ୍ବଲ୍‌ପୁରୀ ଦିନ୍ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶୁଭେଚ୍ଛା ଜନେଇକରି ସମ୍ବଲ୍‌ପୁର୍ ଇଲାକା ଓଡ଼ିଶାର୍ ବର୍‌କସ୍ ମନୋଭାବ୍‌ର ପ୍ରତିଛବି ବଲି କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଣମାଧ୍ୟମ୍ ଜରିଏ ପଶ୍ଚିମ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗୁଟେ ଭିଡ଼ିଓ ବାର୍ତାଥି ସମ୍ବଲ୍‌ପୁରୀ ଦିନ୍ ଲାଗି ସମ୍‌କୁ ଶୁଭେଚ୍ଛା ଜନେଇଛନ୍ । ସଭେ ମିଶିକରି ସମ୍ବଲ୍‌ପୁରୀ ଅସ୍ମିତାର୍ ପରବ୍ ପାଲନ୍ କର୍‌ମା ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା, ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍, ରାଜ୍ୟ ଉଚ୍ଚଶିକ୍ଷା

ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ସମ୍ବଲ୍‌ପୁରୀ ଦିନ୍ ଉଲ୍‌ଗୁନେ ଶୁଭେଚ୍ଛା ଜନେଇଛନ୍ ।

ସମ୍ବଲ୍‌ପୁର୍ ଠାନେ ୨ ଦିନ୍ ହେଲା ପଶ୍ଚିମାଂଚଲ୍ ଏକତା ମଂଚ୍ ଆଉ ସମ୍ବଲପୁରୀ ଏକ୍‌ତା ମଂଚ ତର୍‌ଫୁ ସମ୍ବଲପୁରୀ ଦିନ୍ ଉଲ୍‌ଗୁନେ  କାର୍ଯ୍ୟକ୍ରମ୍‌ମାନ୍ ଚାଲିଛେ । ଆଏଜ୍ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବାର୍ ସହେତେ ସମ୍ବଲ୍‌ପୁରୀ ପାରମ୍ପାରିକ୍ ଖାନାପିନା ବଂଟାଯାଇଛେ ।

ହେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲାର୍ ବହୁତ୍‌ଟେ ଜାଗା ନ କବି ସତ୍ୟନାରାୟଣ୍ ବହିଦାର୍‌ଙ୍କର୍ ଜୟନ୍ତୀ ପାଲନ୍ କରାଯାଇଛେ । ସୁବର୍ଣ୍ଣପୁର୍‌ର ଭୀମଭୋଇ ଛକ୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ବହୁତ୍ ସିଆନ୍ ସୁଜନ୍ ଯୋଗ୍ ଦେଇକରି କବି ସତ୍ୟନାରାୟଣ୍ ବହିଦାର୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଳିନା ପ୍ରଧାନ୍ ଆର୍ ଆରକ୍ଷୀ ଅଧିକ୍ଷକ ନାରାୟଣ୍ ନାଏକ୍ ଭିଲ୍ ଯୋଗ୍ ଦେଇଥିଲେ । ବୀର୍‌ମହାରାଜ୍‌ପୁର୍ କଦ୍‌ଲିପାଲି ଛକ୍‌ଠାନେ ଏକତାଗ୍ରୁପ୍ ତର୍‌ଫୁ ଗୁଟେ କାର୍ଯ୍ୟକ୍ରମ୍‌ଥି ଗବେଷକମାନେ କବିଙ୍କର୍ ଭାଷା ଭାବନା ଆର୍ ସାହିତ୍ୟ ସାଧନା ଉପ୍‌ରେ ଆଲୋଚନା କରିଥିଲେ । ଇ ଅବ୍‌ସରେ ଯୁଆନ୍ ଆଉ ଶିଶୁ ଶିଳ୍ପୀମାନ୍‌କର୍ ତର୍‌ଫୁ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯାଇଥିଲା ।

ବୌଦ୍ଧ ଟାଉନ୍‌ହଲ୍‌ଠାନେ ପଶ୍ଚିମାଂଚଲ୍ ଏକତା ମଂଚ୍ ଆର୍ ଜିଲ୍ଲା ଆର୍ଟିଷ୍ଟ ଏସୋସିଏସନ୍ ତର୍‌ଫୁ ସମ୍ବଲ୍‌ପୁରୀ ଦିନ୍ କାର୍ଯ୍ୟକ୍ରମ୍‌ଥି କୁନୁଆଁ ଆର୍ ଶ୍ରୋତାମାନେ ସମ୍ବଲ୍‌ପୁରୀ ବସ୍ତ୍ର ପିନ୍ଧିକରି ସାମିଲ୍ ହେଇଥିଲେ । ଇନ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କେନ୍ଦ୍ରୀୟ ବିଦ୍ୟାଳୟ ଠାନେ ସମ୍ବଲ୍‌ପୁରୀ ଦିନ୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଦ୍ୟାଳୟର୍ ଅଧକ୍ଷ ସଞ୍ଜିବ୍ କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ପାରମ୍ପରିକ୍ ସମ୍ବଲ୍‌ପୁରୀ ବେଶ୍‌ଭୂଷାଥି ସଜେଇ ହେଇକରି ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରିଥିଲେ ।

ଭିତରକନିକା ଖୁଲାଯିବା        କେନ୍ଦ୍ରାପଡ଼ା ସମ୍ବାଦଦାତା

ଭିତରକନିକା ଜାତୀୟ ଉଦ୍ୟାନ୍ ୩ ମାସ୍ ଉତ୍‌ରୁ ଆଏଜ୍ ପର୍ଯ୍ୟଟକମାନ୍‌କର ଲାଗି ଖୁଲାଯାଇଛେ । ଆଏଜ୍ ପହେଲା ଦିନେ ଡାଙ୍ଗମାଳ ଥିବା ରାଜକନିକା ବନାଂଚଲ୍ ଠାନେ ଭିତର୍‌କନିକାକେ ଆସୁଥିବା ପର୍ଯ୍ୟଟକ୍‌ମାନ୍‌କୁ ଗୁଲାପ୍ ଫୁଲ୍ ଦେଇକରି ସ୍ୱାଗତ୍ କରାଯାଇଥିଲା । ଇଥର ପହେଲାକରି ପର୍ଯ୍ୟଟକମାନେ ଭିତରକନିକା ନ ଲୁଣାଜାତିର୍ ଗଛର୍ ଚାରାକେ ହେନ୍ତାଳବଣ ନ ଆଉ ପ୍ରାକୃତିକ୍ ପରିବେଶ୍

ଭିତ୍‌ରେ ବୋଟ୍ ଲାଇବ୍ରେରୀଥି ବହି ପଢ଼୍‌ବାର୍ ସୁଯୋଗ୍ ପାଇକରି ଖୁସି ହେଇଥିଲେ ।

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ-ସ୍ୱଚ୍ଛତା ଅଭିଯାନ୍/ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ତରଫୁ ସ୍ୱାଧୀନତା ଦିବସ୍ ପାଲନ୍ ଉଲ୍‌ଗୁନେ ଅଗଷ୍ଟ ୧ ନୁ ଅକ୍ଟୋବର୍ ୩୧ ତାରିଖ୍‌ତକ୍ ସ୍ୱଚ୍ଛତା ଅଭିଯାନ୍ ଆୟୋଜନ୍ କରାଯିବା । ଅଭିଯାନ୍‌ଥି ଟ୍ରେନ୍ ମାନ୍‌କେ ଆଉ ରେଲ୍ ପରିସର୍ ନ ସଫେଇ କରାଯାଇକରି ସଫା ପରିବେଶ୍ ବାବ୍‌ଦେ ସଚେତନ୍ କରାଯିବା । ଲୁକ୍‌କର୍ ଭିତ୍‌ରେ ସ୍ୱଚ୍ଛତାକେ ନେଇକରି ସଚେତନ୍ କର୍‌ବାର୍ ଲାଗି ଆଏଜ୍ ସମ୍ବଲ୍‌ପୁର୍ ରେଲ୍‌ନଗର୍ ଠାନେ ପ୍ରଭାତ୍ ଫେରି କରାଯାଇଥିଲା । ଇ ଅବ୍‌ସରେ ମଣ୍ଡଲ୍ ରେଲ୍‌ପ୍ରବନ୍ଧକ ସୁବାସ୍ ଚନ୍ଦ୍ର ଚୌଧୁରୀ, ସବୁ ଅଧିକାରୀ ଆଉ କର୍ମଚାରୀମାନେ ଉପସ୍ଥିତ୍ ଥିଲେ ।

ଦୁଗ୍ଧ ସମବାୟ ସମିତି ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଦୁଗ୍ଧ ସମବାୟ ସମିତି ସମ୍ପାଦକମାନ୍‌କର୍ ସମ୍ମିଲନୀ ଖଡ଼ିଆଲ୍ ବ୍ଲକ୍ ପ୍ରାଣୀ ଚିକିତ୍ସା କେନ୍ଦ୍ର ଠାନେ

ହେଇଯାଇଛେ । ସମ୍ମିଳନୀଥି ଗୁରସ୍ ଉତ୍ପାଦନ୍ ବଢ଼ାବାର୍ ସହେତେ ସମିତିର୍ କାମ୍ କାଜ୍ ଉପ୍ରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ବି.ଡି.ଓ. ସଂଗ୍ରାମ୍ କେଶରୀ ବେହେରା, ଭି.ଏ.ଏସ୍. ହେମଲତା ମେହେର୍ ଆର୍ ଉଞ୍ଚା ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଜିଲ୍ଲାପାଳ୍- ଡାକ୍ତର୍‌ଖାନା ଗସ୍ତ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାଏକ୍ ଆଏଜ୍ ସହରର୍ ଆଦର୍ଶ ବସ୍‌ଷ୍ଟାଣ୍ଡ୍ ଆର୍ ୩ ଶହ ଶଯ୍ୟାର୍ ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନାର୍ ତିଆରି କାମ୍‌ର ତଦାରଖ୍ କରିଛନ୍ । ଇତାର୍‌ସହେତେ ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ନିର୍ମାଣ୍ କାମ୍‌କେ ତୁର୍‌ତି ସାର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ୱାର୍ଲ୍ଡ ଆଥ୍‌ଲେଟିକ୍ସ କଂଟିନେଂଟାଲ୍ ଟୁର୍ ବ୍ରୋଞ୍ଜ୍ ପ୍ରତିଯୋଗିତା/I&PR

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏବା ୧୦ ତାରିଖ୍‌ନୁ ହେବାର୍‌କେ ଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ କଂଟିନେଂଟାଲ୍ ଟୁର୍ ବ୍ରୋଞ୍ଜ୍ ପ୍ରତିଯୋଗିତାକେ ନେଇକରି ରାଜ୍ୟ କ୍ରୀଡ଼ା ବିଭାଗ୍ ତରଫୁ ଜୋର୍‌ସୋର୍ ତୟାରି ଚାଲିଛେ । ବିଭାଗୀୟ ମନ୍ତ୍ରୀ

ସୂର୍ଯ୍ୟବଂଶୀ ସୂରଜ୍ ଆଏଜ୍ କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ତୟାରି ୟାଂଚ୍ କରିଛନ୍ । ଓଡ଼ିଶା ନ ପହେଲା କରି ଏନ୍ତା ଗୁଟେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ୍ କରାଯିବାର୍‌ଟା ରାଜ୍ୟର୍ ଲାଗି ଗୌରବ୍‌ର ବିଷୟ ଆଏ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।